**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**02nd June - 2024**

**News Editor : *Tapan Kumar Moharana***

**********************************

***Desk***

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ଅଷ୍ଟଦଶ ଲୋକସଭା ପାଇଁ ଦେଶରେ ନିର୍ବାଚନ ଶେଷ ହୋଇଛି । ମୋଟ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ଗତକାଲି ରାଜ୍ୟରେ ୭୦ ଦଶମିକ ୪/୭ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଜଗତ୍‌ସିଂହପୁରରେ ସର୍ବାଧିକ ୭୩ ଦଶମିକ ୦/୬ ପ୍ରତିଶତ ମତଦାନ ହୋଇଥିଲା । ଆସନ୍ତା ମଙ୍ଗଳବାର ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

ସୂଚନା ଅନୁସାରେ, ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ଏକ୍‌ଜିଟ୍ ପୋଲ୍‌ରେ ବି.ଜେ.ପି. ନେତୃତ୍ୱାଧୀନ ଏନ୍.ଡି.ଏ.କୁ ୩୫୦ରୁ ଅଧିକ ଆସନ ମିଳିବ ବୋଲି ଆକଳନ କରାଯାଇଛି । ସେହିଭଳି ଇଣ୍ଡି ମେଣ୍ଟକୁ ୧୨୫ରୁ ୧୬୨ ଆସନ ମିଳିବ ବୋଲି ଜଣାଯାଇଛି ।

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ମାସ ୧୯ରେ ୧୦୨ଟି ଲୋକସଭା ଆସନ ପାଇଁ ମତଦାନ ହୋଇଥିବାବେଳେ ଏପ୍ରିଲ

୨୬ରେ ଦ୍ୱିତୀୟ ପର୍ଯ୍ୟାୟରେ ଅଣାନବେଟି, ମଇ ୭ରେ ତୃତୀୟ ପର୍ଯ୍ୟାୟରେ ୯୪ଟି, ମଇ ୧୩ରେ ୯୬ଟି ଲୋକସଭା ଆସନ, ମଇ ୨୦ ପଞ୍ଚମ ପର୍ଯ୍ୟାୟରେ ଅଣଚାଶଟି, ଷଷ୍ଠ ପର୍ଯ୍ୟାୟରେ ମଇ ୨୫ରେ ୯୭ଟି ଲୋକସଭା ଆସନ ଏବଂ ଗତକାଲି ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟରେ ୫୭ଟି ଲୋକସଭା ଆସନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକ୍କିମ୍ ବିଧାନସଭା ପାଇଁ ଭୋଟ୍ ଗ୍ରହଣ ହୋଇଥିଲା ।

***Desk***

# ପ୍ରଧାନମନ୍ତ୍ରୀ - ନିର୍ବାଚନ କମିଶନ୍

ଲୋକସଭା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇ ଥିବାରୁ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଭାରତର ନିର୍ବାଚନ ଆୟୋଗଙ୍କୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟ, ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶଂସା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ଗଣତନ୍ତ୍ରକୁ ମଜଭୁତ କରିବାରେ ନିର୍ବାଚନ ଆୟୋଗଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ । ଭାରତର ନିର୍ବାଚନ ପ୍ରକ୍ରିୟା ଅନ୍ୟମାନଙ୍କ ପାଇଁ ଉଦାହରଣ ସ୍ୱରୂପ । ସେହିଭଳି ସୁରକ୍ଷା ସଂସ୍ଥାଗୁଡ଼ିକୁ ମଧ୍ୟ ସେମାନଙ୍କର ପ୍ରଚେଷ୍ଟା ଏବଂ ଉଦ୍ୟମ ପାଇଁ ଶ୍ରୀ ମୋଦି ଶୁଭେଚ୍ଛା ଜଣାଇଛନ୍ତି ।

*Puri/R*

# ପୁରୀ ବାଣ ବିସ୍ଫୋରଣ

ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଆସନ୍ତା ବୁଧବାର ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣାର ତଦନ୍ତ ପାଇଁ ଏକ ବୈଠକ ଅନୁଷ୍ଠିତ ହେବ । ସୂଚନା ଅନୁସାରେ, ଗତ ୨୯ ତାରିଖରେ ନରେନ୍ଦ୍ର ପୁଷ୍କରିଣୀଠାରେ ଶ୍ରୀଜିଉଙ୍କ ଭଉଁରୀ ଯାତ୍ରା ସମୟରେ ବାଣ ବିସ୍ଫୋରଣ ହୋଇଥିଲା ।

*Desk*

# ଓ.ଜେ.ଏସ୍. ପ୍ରିଲିମିନାରୀ ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି.ଦ୍ୱାରା ପରିଚାଳିତ ଓଡ଼ିଶା ନ୍ୟାୟିକ ସେବା - ଓ.ଜେ.ଏସ୍.-୨୦୨୩ ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ଓ.ପି.ଏସ୍.ସି. ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅପରାହ୍ଣ ୩ଟାରୁ ରାଜ୍ୟର ୫ଟି ଜୋନ୍‌ର ବିଭିନ୍ନ କେନ୍ଦ୍ରରେ ଏହି ପରୀକ୍ଷା ଆରମ୍ଭ ହୋଇ ସାଢ଼େ ୪ଟାରେ ଶେଷ ହେବ । ଖୁବ୍ ଶୀଘ୍ର ପରୀକ୍ଷା କେନ୍ଦ୍ର ତାଲିକା ପ୍ରକାଶ କରାଯିବ ବୋଲି ଓ.ପି.ଏସ୍.ସି. ପକ୍ଷରୁ କୁହାଯାଇଛି ।

*Desk*

# ବି.ଏଡ୍. ଆବେଦନ

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବି.ଏଡ୍.ରେ ନାମଲେଖା ପାଇଁ ଆବେଦନ ସମୟସୀମା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏନେଇ ଜାତୀୟ ଶିକ୍ଷକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ଅନୁଷ୍ଠାନ - ଏନ୍.ସି.ଇ.ଆର୍.ଟି. ପକ୍ଷରୁ ସୂଚନା ଦିଆଯାଇଛି । ପୂର୍ବରୁ ଆବେଦନର ସମୟ ସୀମା ମଇ ୩୧ ତାରିଖ ପର୍ଯ୍ୟନ୍ତ ଥିଲା । ଛାତ୍ରଛାତ୍ରୀମାନେ ଏନ୍.ସି.ଇ.ଆର୍.ଟି. ୱେବ୍‌ସାଇଟ୍ www.cee.ncert.gov.inରୁ ଆବେଦନ ସଂକ୍ରାନ୍ତ ଅଧିକ ସୂଚନା  ଜାଣିପାରିବେ ।

*Desk*

# ଏକାଦଶ ନାମଲେଖା ପ୍ରକ୍ରିୟା

ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ପାଇଁ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ଏକାଦଶ ଶ୍ରେଣୀ ନିମନ୍ତେ ଆସନ୍ତା ୭ ତାରିଖରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ । ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ନାମଲେଖାପାଇଁ ଅନ୍‌ଲାଇନ୍ ସାମ୍ସ ପୋର୍ଟାଲ୍ www.samsodisha.gov.in ମାଧ୍ୟମରେ ଆବେଦନ କରିପାରିବେ । ନାମଲେଖାର ସମସ୍ତ ପ୍ରକ୍ରିୟା ସାମ୍ସ ୱେବ୍‌ସାଇଟରେ କରାଯିବ ।

*Desk*

# ରଥ ନିର୍ମାଣ

ଆଗାମୀ ରଥଯାତ୍ରା ପାଇଁ ବିଧି ମୁତାବକ ରଥଖଳାରେ ତିନି ରଥ ନିର୍ମାଣ କାର୍ଯ୍ୟ ଚାଲିଛି । ଗତକାଲି ସୁଦ୍ଧା ତିନି ରଥର ୩୨ଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ତାଳଧ୍ୱଜ ରଥର ପୋଲଗୟ ଚିରଟ ପାଇଁ ନରେନ୍ଦ୍ର ମହଲାରେ କାଠ ପଡ଼ିଛି ।

*Met. O.*

# ତାପମାତ୍ରା

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ୧୨ଟି ସହରର ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଛି । ଟିଟିଲାଗଡ଼ ୪୬ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ରହିଥିଲା । ସେହିଭଳି ବରଗଡ଼ରେ ତାପମାତ୍ରା ୪୫ ଦଶମିକ ୮ ଏବଂ ବଲାଙ୍ଗିରରେ ୪୫ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା ।

ଆଜିପାଇଁ ଗ୍ରୀଷ୍ମପ୍ରବାହ ନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ନବରଙ୍ଗପୁର, ଦାରିଙ୍ଗିବାଡ଼ି, କୋରାପୁଟ ଆଦି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

***Desk***

## ଦୌଡ଼କୁଦ ପ୍ରତିଯୋଗିତା

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ୭୦ତମ ଓଡ଼ିଶା ରାଜ୍ୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି । ଗତକାଲି ପ୍ରଥମ ଦିନରେ ଭୁବନେଶ୍ୱର, କଟକ, ଯାଜପୁର, ସୁନ୍ଦରଗଡ଼ର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ଜିତିଛନ୍ତି । ଏହି ତିନିଦିନିଆ ପ୍ରତିଯୋଗିତା ଆସନ୍ତାକାଲି ଉଦ୍‌ଯାପିତ ହେବ ।

*****